SAMAJ - 24-09-2016

# ଇମ୍ଫା ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର




କାଳିଆପାଣି,୨୩।୯(ଆପ୍ର): ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟରତ ଇମ୍ଫା କମ୍ପାନୀ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ସୁକିନ୍ଦା ବ୍ଲକର କଂସ ପଞ୍ଚାୟତର ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ୨୭୦ ଜଣ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଇମ୍ଫା କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ମିଲନ କରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତି ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ା ରମେଶ ସାହୁ, ଭେଷଜ ବିଭାଗ ର ଡ ଦିପ୍ତୀକାନ୍ତ ସାହୁ, ଇମ୍ଫାର ବରିଷ୍ଠ ଚିକିତ୍ସକ ଡ଼ା.ଉମାକାନ୍ତମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ବିଭିନ୍ନ ରୋଗୀଙ୍କ ରୋଗପରୀକ୍ଷା କରିଥିବା ବେଳେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ ପକ୍ଷରୁ ମ୍ୟାଲେରିଆ ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ଇମ୍ଫା ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । କଂସ ପଚାୟତ ସରପଞ୍ଚ ଅହଲ୍ୟା ଦେହୁରୀ ,କମ୍ପାନୀର ପ୍ରଶାସନିକ ଅଧିକାରୀ ମଳୟ ରଞ୍ଜନ କର, ବରିଷ୍ଠ ପରିଚାଳକ ଜଗନମୋହନ ମଲ୍ଲିକ, ମଧୁସୁଦନ ଷଡ଼ଙ୍ଗୀ, ଚନ୍ଦନ ଦାସ, ଅଶୁଂମାନ ମାହାପାତ୍ର, ସନ୍ଦିପ ମିଶ୍ର, ଦେବାଶିଶ ସାମଲ ପ୍ରମୁଖ ବରିଷ୍ଠ ଅଧିକାରୀ ଯୋଗଦେଇ ଥିବା ବେଳେ ପଙ୍କଜ ମଲ୍ଲ, ହିରଣ୍ୟ ନାୟକ, ପଦ୍ମନାଭ ମହାନ୍ତ, କୁନା ବେସ୍ରା ପ୍ରମୁଖ ସହଯୋଗ କରିଥିଲେ ।